ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୦ ଅଗଷ୍ଟ ୨୦୧୮ ସୋମବାର

ହାଟଡିହି

# ଅପହଞ୍ଚ ଇଲାକାର ବିକାଶ କେବେ?

୧୯।୮
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର କେତେ ଗୁଡିଏ ପଞ୍ଚାୟତ ଭିତରେ ରହିଯାଇଥିବା ଅନେକ ଛୋଟ ବଡ଼ ଗାଁ ଗୁଡିକୁ ସ୍ୱାଧୀନତାର ୭୨ ବର୍ଷ ହୋଇ ସାରିଥିଲେ ବି ଆଜକୁ ଦୀର୍ଘ ୫୯ ବର୍ଷ ତଳୁ ଆରମ୍ଭ ହୋଇଥିବା ହଦଗଡ଼ ଡ୍ୟାମ ପ୍ରକଳ୍ପ ଯୋଜନାରେ ବିସ୍ଥାପିତ ହୋଇଥିବା ଗ୍ରାମମାନଙ୍କ ମଧ୍ୟରୁ ଫୁଲଝର, ସିଆଡ଼ିମାଳିଆ, ମଲ୍ଲିପୋଷି , ମୟୂରନଚା, ରାଇଘାଟି, ସରମୁଣ୍ଡି, ବନେଇପାଳ, ଝୁଣାବାଡ଼ି, କୁରାଡିଘଷା, ଜଡ଼ାବାଙ୍କ, ମହୁଲପଙ୍ଘା, ଭଅଁରା, ପିତାନାଉ, ଦଲୀକୀ, ରନ୍ଦମରା, ଜୁଣପୋଶି ଇତ୍ୟାଦି ଆଦିବାସୀପୂର୍ଣ୍ଣ ଅଞ୍ଚଳ ମାନଙ୍କରେ ରହୁଥିବା ଲୋକଙ୍କ ପାଖକୁ ସରକାରଙ୍କ ଠାରୁ ଆସୁଥିବା ଅଳ୍ପକିଛିର ସୁବିଧା ପହଁଞ୍ଚିଲା ବେଳେ ଅନେକ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହୋଇ ରହିଯାଉଛନ୍ତି । ହଦଗଡ଼ ଡ୍ୟାମର ପ୍ରକଳ୍ପ ଅଧିକାରୀଙ୍କ ସୂଚନାନୁସାରେ ୯୨ ଟି ଗ୍ରାମ ମଧ୍ୟରୁ ଏବେ ସୁଦ୍ଧା ୨୭ ଟି ଗ୍ରାମ ସମ୍ପୂର୍ଣ୍ଣ ବିକାଶ ପଛରେ ରହିଯାଇଛି । ପିତାନାଉ, ଦଲୀକି, ରନ୍ଦମରା, ଜୁଣପଶି, ମଲ୍ଲିପଷି ଇତ୍ୟାଦି ଗ୍ରାମମାନଙ୍କୁ ଯିବା ପାଇଁ ପାଦ ଚଲା ରାସ୍ତା କିମ୍ବା ଡଙ୍ଗା ହିଁ ଭରଷା । ଯଦିଓ ଗାଡ଼ି ଯିବା ରାସ୍ତାଟିଏ ଅଛି, ସେତେଟା ଉପଯୁକ୍ତ ନୁହଁ । କାରଣ ବନବିଭାଗର ରିଜର୍ଭ ଜଙ୍ଗଲ ଅଞ୍ଚଳର ନିଜସ୍ୱ ରାସ୍ତା ହୋଇଥିବାରୁ ଦୁଇ ଚକିଆ ଯାନ ବ୍ୟତୀତ ବଡ଼ ଗାଡ଼ି ନିଷେଦ୍ଧ କରାଯାଇଛି । ଆମ୍ବୁଲାନ୍ସକୁ ଯିବାଆସିବା ପାଇଁ ଅନୁମତି ଥିଲେ ସୁଦ୍ଧା ସେ ବେଳେବେଳେ ଯାଇପାରେ ନାହିଁ କାରଣ ରାସ୍ତାଟି ପାହାଡ଼ କଟା ହୋଇ ପ୍ରସ୍ତୁତ ହୋଇଥିବାରୁ ରାସ୍ତାର ଗୋଟେପଟ ପାହାଡ଼ ଓ ଅନ୍ୟପଟ ଗଭୀର ସାଙ୍ଗକୁ ସେ ରାସ୍ତାର ଅବସ୍ଥା ଅତି ସଙ୍କଟାପନ୍ନ । ଯିବାଆସିବା ସମୟରେ ହିଂସ୍ର ବନ୍ୟଜନ୍ତୁ , ବଡ଼ ବଡ଼ ବିଷଧର ସରୀସୃପ ସହିତ ସାମ୍ନାସାମ୍ନି ହେଉଥିବାର ସେଠାକାର ଲୋକଙ୍କ ସହିତ ସେଠାକୁ ଯାଉଥିବା ସରକାରୀ ବାବୁମାନେ ମଧ କହନ୍ତି । ଫୁଲଝର, ସିଆଡ଼ିମାଳିଆ, ମୟୂରନଚା, ଭଅଁରା, ବନେଇପାଳ, ସରମୁଣ୍ଡି, ରାଇଘାଟୀ, ଝୁଣାବାଡ଼ି, ମହୁଲପଙ୍ଘା, କୁରାଡ଼ିଘଷା ଇତ୍ୟାଦି ଗ୍ରାମମାନଙ୍କୁ ଯିବାକୁ ହେଲେ ଡ୍ୟାମ କଡ଼ଦେଇ ଯାଇଥିବା ପାଦଚଲା ରାସ୍ତା କିମ୍ବା ବନବିଭାଗ ଦ୍ୱାରା ନିର୍ମିତ ରାଇଘାଟୀର ଛତରାଘାଟୀ ରାସ୍ତାଦେଇ ଯିବାକୁ ହୁଏ । ଗମନାଗମନର ସୁବିଧା ଯେଉଁଠି ପଛରେ ପଡିଛି ସେଠି ବିକାଶର କଥା ଭାବିଲେ ଆକାଶ କୟାଁ ଚିଲିକା ମାଛ ପରି ମନେହୁଏ । ଶିକ୍ଷାର ବ୍ୟବସ୍ଥା କରାଯାଇଥିଲେ ବି ଶିକ୍ଷକ ମାନଙ୍କର ଉପସ୍ଥିତି ଓ ଅନୁପସ୍ଥିତିର ସ୍ୱଚ୍ଛତାକୁ ନେଇ ଶିକ୍ଷାର ବିକାଶ ମନ୍ଥର ହୋଇପଡୁଛି । ସେହି ଗାଁ ମାନଙ୍କରେ ଥିବା ଅଙ୍ଗନୱାଡି ସେଣ୍ଟର ଗୁଡ଼ିକ ମନଇଚ୍ଛା ଅଙ୍ଗନୱାଡି ଶିକ୍ଷୟିତ୍ରୀ ମାନେ ଚଳାନ୍ତି ବୋଲି ଗ୍ରାମବାସୀ କହନ୍ତି । ସ୍ୱାସ୍ଥ୍ୟ ସୁବିଧା ସେମାନଙ୍କ ପାଖରେ ଠିକଠାକ ପହଞ୍ଚି ପାରୁନାହିଁ । ଯଦି ବି ପିତାନାଉ , ଦଲିକୀ , ରନ୍ଦମରା , ଜୁଣପଶି , ମଧୁବନ , ହଦଗଡ଼ , ଫୁଲଝର , ଭଅଁରା ଇତ୍ୟାଦି ଲୋକଙ୍କ ସୁବିଧା ନିମନ୍ତେ ହଦଗଡ଼ ଠାରେ ଏକ ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ହୋଇଛି ତାହା ପୁଣି ଅପରାହ୍ନ ୧ ଟା ପରେ ବନ୍ଦ କରିଦିଆଯାଏ । ହିଂସ୍ରଜନ୍ତୁ ଓ ବିଭିନ୍ନ ସରୀସୃପର ଭୟରେ ଗ୍ରାମବାସୀଙ୍କ ସହ ହଦଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଜବାହାର ନବଦୋୟ ବିଦ୍ୟାଳୟର ପ୍ରାୟ ୫୦୦ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି । ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଡାକ୍ତର ପଦବୀ ଖାଲି ପଡିଛି । ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଥିବା ସ୍ୱାସ୍ଥ୍ୟ କେନ୍ଦ୍ରଟି ଅଧା ଦିନରୁ ବନ୍ଦ ରହୁଥିବାବେଳେ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରନ୍ତି । ଉକ୍ତ ଗ୍ରାମମାନଙ୍କର ଲୋକେ ରାଇଘାଟୀସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି କିନ୍ତୁ ତାହା କିଛି ବର୍ଷ ହେବ ବନ୍ଦ ହୋଇ ରହିଛି ଏବଂ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ମନଇଚ୍ଛା ଆସନ୍ତି ବୋଲି ଗ୍ରାମବାସୀ କହନ୍ତି । ପାନୀୟ ଜଳର ସମସ୍ୟା ଏଠାରେ ସବୁବେଳେ ଲାଗିରହେ । ଜିଲ୍ଲା ଖଣିଜ ପାଣ୍ଠିରୁ ଯଦିଓ ସ୍ଥାନେ ସ୍ଥାନେ ନଳକୂପର ବ୍ୟବସ୍ଥା ହୋଇଛି, ତାହା ପିଇବା ଯୋଗ୍ୟ ନୁହଁ । ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ ହୋଇଥିବାରୁ ଏଠାରେ ମ୍ୟାଲେରିଆ, ହଇଜା, ଡେଙ୍ଗୁ, ଝାଡାବାନ୍ତି ଭଳି ବିଭିନ୍ନ ରୋଗ ସହ ବେଳେବେଳେ ଅଜଣା ରୋଗ ଆଦି ଦେଖାଯାଏ । ପିଇବା ପାଣିର ସୁବିଧା ନ ଥିବାରୁ ନଳକୂପରୁ ବାହାରୁଥିବା ଗୋଳିପାଣି ଓ ଝରଣାପାଣି ପିଇ ଅନେକ ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଥିପାଇଁ ଗ୍ରାମାସୀ ଜଳ ବିଭାଗର ଅଫିସରଙ୍କୁ ଭେଟି କହିବା ସତ୍ତ୍ୱେ କିଛି ପରିବର୍ତ୍ତନ ଦେଖାଯାଉନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳର ବ୍ୟବସ୍ଥା ଯେଉଁ ଜାଗାରେ ସଙ୍କଟାପନ୍ନ ସେଠି ବିଜୁଳି ଆଲୁଅ ସାତ ସପନ । ଜଙ୍ଗଲ ଜମି ପଟ୍ଟା ଥିବାରୁ ସେମାନେ ଆାସ ଯୋଜନାରେ ବ୍ୟାପକ ସମସ୍ୟା ଭୋଗୁଛନ୍ତି ବୋଲି କରୁଣଭରା କଣ୍ଠରେ ଗ୍ରାମାସୀ କହନ୍ତି ।

ଯେଉଁଠି ନାନା ସମସ୍ୟାର ସମାଧାନ ଠିକଠାକ ନାହିଁ ସେଠି ରୋଜଗାର କଥା ଭାବିଲେ ଦୁଃଖ ଲାଗେ । ସେଠାକାର କିଛି ଲୋକ ଜଙ୍ଗଲ ସଫାକରି ଚାଷ ଜମି ପ୍ରସ୍ତୁତ କରି ଚାଷବାସ କଲାବେଳେ କିଛି ଅପେକ୍ଷାକୃତ ଚାଲାକ ଲୋକ ଗଛ କାଟି ଡଙ୍ଗା ପ୍ରସ୍ତୁତ କରି ସାଳନ୍ଦୀ ନଦୀରୁ ମାଛ ଧରି ଗୁଜୁରାଣ ମେଣ୍ଟାନ୍ତି । ରୋଜଗାର ଆଶାରେ ସେହି ଅଞ୍ଚଳର କିଛି ଯୁବକ, ଅଳ୍ପ ବୟସର ପିଲା ସାଙ୍ଗକୁ କିଛି ଦମ୍ପତି ବାହାର ରାଜ୍ୟକୁ ଦାଦନ ଖଟିବା ନିମନ୍ତେ ପଳାଇଯାନ୍ତି । ଓଡ଼ିଶା ସରକାର ବିକାଶ ନାଁ ରେ ଡିଣ୍ଡିମ ପିଟିଲା ବେଳେ ଏହି ଅଞ୍ଚଳମାନଙ୍କୁ ଆଜି ଯାଏ ବିକାଶ ସ୍ପର୍ଶ କରିବାରେ ଧିମେଇ ପଡ଼ିଛି । ଅପହଞ୍ଚ ଇଲାକା ମାନଙ୍କରେ ଏହି ସବୁ ମୌଳିକ ସମସ୍ୟାର ସମାଧାନ ପ୍ରତି ସରକାରଙ୍କ କୃପା ଦୃଷ୍ଟି ପକାଇବା ପାଇଁ ସମାଜସେବୀ ଗୌରାଙ୍ଗ ରଣା, ବାଲିବରେଇ ବିଜେପି ମଣ୍ଡଳ ସଭାପତି ଅଭୟ ଜେନାଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାଧାରଣ ଲୋକଙ୍କର ଅନୁରୋଧ ହେଉଛି ।



## ରାଶିଫଳ ତା ୨୦.୮.୧୮



ପଣ୍ଡିତ ରାମଚନ୍ଦ୍ର ଆଚାର୍ଯ୍ୟ
ଷୋଳଭାଗପେଣ୍ଠ,
ଭାୟା – ସୁରଙ୍ଗୀ, ଗଞ୍ଜାମ
ମୋ-୯୪୩୯୩୨୭୭୯୮

ସୋମବାର – ଦଶମୀ
ନକ୍ଷତ୍ର : ଜ୍ୟୋଷ୍ଠା, ବିଛା

**ମେଷ :** ସ୍ନେହ ଲାଭ, ସହଯୋଗ ମିତ୍ର ଲାଭ, ଉନ୍ନତି ଯୋଗ, ଉଚ୍ଚ ଆଶା ସଫଳ, ସମାଜର ଅଭିବୃଦ୍ଧି
**ବୃଷ :** ସୌଖ୍ୟ ସୌଭାଗ୍ୟ, ମିତ୍ର ଲାଭ, ଉନ୍ନତି ଯୋଗ, ଉଚ୍ଚ ସୌଖ୍ୟ, ସମଜାର ଲାଭ ହେବ, ଭୟମନା
**ମିଥୁନ :** ଦେହ ଆଳସ୍ୟ, ତିକ୍ତତା ଭାବ ହାନି, ଅର୍ଥ ପୀଡା, ଦୁଶ୍ଚିନ୍ତା, ମନସ୍ତାପ, କର୍ମକ୍ଳାନ୍ତ, ଅଚାନକ ଉପଦ୍ରବ
**କର୍କଟ :** ବନ୍ଧୁ ହାନି, ଉଦ୍ଯୋଗ ହାନି, କର୍ମ ପୀଡା, ଅସହ୍ୟ ଯୋଗ, ଉଦ୍ବେଗତା, କ୍ଳାନ୍ତ ଯୋଗ, ଗ୍ଲାନି ଓ ଭୟମନା
**ସିଂହ :** ଅର୍ଥ ପୀଡା, ବୃଥା କଳହ, ଉଦ୍ବେଗତା, ବନ୍ଧୁ ଦ୍ୱେଷତା ହାନି ଓ ଅସହଯୋଗ ଲକ୍ଷଣ ହେବ
**କନ୍ୟା :** ଧନପ୍ରାପ୍ତି, ସୁସମ୍ବାଦ ଲାଭ, ଉଦ୍ଯୋଗ ସିଦ୍ଧ, ସୌଖ୍ୟ ଯୋଗ, ଉଚ୍ଚ ଆଶା ସଫଳ, ସମ୍ମାନ ଲାଭ
**ତୁଳା :** ମିତ୍ର ମିଳନ ସୁଯୋଗ ଲାଭ, ଖ୍ୟାତି ବୃଦ୍ଧି, ଉନ୍ନତି ଲାଭ, ସ୍ନେହ ଯୋଗ, ସମାଜର ଲାଭ, ମାନ୍ୟତା ପ୍ରାପ୍ତ
**ବିଛା :** ଯୋଗାଯୋଗ କ୍ଷେତ୍ରେ ହାନି, ଅସହଯୋଗ, ଅସ୍ଥିର ଯୋଗ, ବନ୍ଧୁ କଳହ, ମାନସିକ ଅସ୍ଥିର, ଦୁଶ୍ଚିନ୍ତା ଯୋଗ
**ଧନୁ :** ମିତ୍ର ଦ୍ୱେଷତା, ପୀଡା ହାନି, ଜ୍ଞାନୀ କଳହ, ଅସ୍ଥିର କ୍ଳାନ୍ତ ଭାବ, ବନ୍ଧୁ ବିଭେଦ ଯୋଗ, ସମ୍ମାନ ହାନି
**ମକର :** ସୌଖ୍ୟ ସମ୍ମାନ ଲାଭ, ଯୋଗାଯୋଗରେ ବୃଦ୍ଧି, ଉଚ୍ଚ ଆଶା ସଫଳ, ମହତ୍ ସୌଖ୍ୟ, ସୁଯୋଗ ଲାଭ
**କୁମ୍ଭ :** ମିତ୍ର ସମାଜର, ଧନପ୍ରାପ୍ତି, ସୌଖ୍ୟ ସୌଭାଗ୍ୟ, ଉଦ୍ଯୋଗ ସିଦ୍ଧ, ବନ୍ଧୁ ସମ୍ମାନ ଲାଭ ଓ ସମାଗମ
**ମୀନ :** ବନ୍ଧୁ ବିଭେଦ, ଅସ୍ନେହ ଯାତ, ତିକ୍ତତା, କ୍ଲାଶ୍ରୀ ଭାବ, ଧନହାନି, କର୍ମପୀଡା, ବୃଥା କଳହ, ଉଦ୍ବେଗତା ହେବ

## ବୌଦ୍ଧ ହାଲ୍‌ଚାଲ୍

# କାଦୁଅରେ ବିଦ୍ୟାଳୟ ଯାଉଛନ୍ତି ଛାତ୍ରଛାତ୍ରୀ

**ବୌଦ୍ଧ, ୧୯।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧଜିଲା ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଝୋଲ କର୍ମୀଗୋଠ ରାସ୍ତା ମରଣାଯନ୍ତା ପାଲଟିଛି । ଗତ ୪ବର୍ଷ ପୂର୍ବରୁ ଏହି ରାସ୍ତାର ଉନ୍ନତିକରଣ ପାଇଁ ମନେରେଗା ଯୋଜନାରେ ମାଟି କାମ ହୋଇଥିବାବେଳେ ତା ଉପରେ ମୁରୁମ ବିଛା ଯାଇନଥିବାରୁ ଏ ରାସ୍ତାଟି ଗମନାଗମନ ଯୋଗ୍ୟ ହୋଇପାରୁନାହିଁ । କର୍ମୀଗୋଠ ଏକ ଛୋଟ ଗ୍ରାମ ହୋଇଥିବାରୁ ଏଠାରେ ଆବଶ୍ୟକ ପରିମାଣରେ ଛାତ୍ରଛାତ୍ରୀ ନ ଥିବାରୁ ଗ୍ରାମରେ କୌଣସି ବିଦ୍ୟାଳୟ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ । ସେଥିପାଇଁ ଛାତ୍ରଛାତ୍ରୀମାନେ ଗ୍ରାମ ଠାରୁ ଦୁଇ କିମି ଦୂର ଡଙ୍ଗାଝୋଲ ଗ୍ରାମକୁ ଅଧ୍ୟୟନ ପାଇଁ ଆସୁଛନ୍ତି । ଗତ ୪ ବର୍ଷ ହେଲା ଏହି ରାସ୍ତାରେ ଲୋକମାନେ ସାଇକେଲ କିମ୍ବା ମଟରସାଇକେଲ ଚଳାଇ ଯାଇପାରୁନାହାନ୍ତି । ବର୍ଷା ଦିନରେ ଏହି ରାସ୍ତାଦେଇ ଚାଲିକି ଯିବାର ବି ସମ୍ଭବ ହୋଇପାରୁନଥିବାରୁ କର୍ମୀଗୋଠ ର ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ଉପସ୍ଥାନ ହ୍ରାସ ପାଉଅଛି । ଗତ ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ପାଳନ ପାଇଁ ଏହି ଗାଁ ଛାତ୍ରଛାତ୍ରୀମାନେ ଡଙ୍ଗାଝୋଲ ବିଦ୍ୟାଳୟକୁ ଆଣ୍ଠୁଏ କାଦୁଅରେ ଆସିଥିଲେ । ଫଳରେ ଅଭିଭାବକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପଞ୍ଚାୟତ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବରିଷ୍ଠ ନାଗରିକଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

ରାଜ୍ୟ ତଥା କେନ୍ଦ୍ର ସରକାର ୬୦ ବର୍ଷରୁ ଉର୍ଦ୍ଧ ଗରିବ ବୃଦ୍ଧବୃଦ୍ଧା ତଥା ବିଧବା, ଭିନ୍ନକ୍ଷମ ଓ ମାନସିକ ଅନଗ୍ରସରଙ୍କୁ ମାସକୁ ୩୦୦ ଟଙ୍କା ଭତ୍ତା ଦେଇ ତାଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାକୁ ପ୍ରୟାସ କରିଛନ୍ତି । ସେହିପରି ୮୦ ବର୍ଷରୁ ଅଧିକ ବୃଦ୍ଧ ବୃଦ୍ଧାଙ୍କୁ ବରିଷ୍ଠ ନାଗରିକ ଆଖ୍ୟା ଦେଇ ମାସକୁ ୫୦୦ ଟଙ୍କା ଭତ୍ତା ଦେବାପାଇଁ ସରକାରୀ ନିର୍ଦ୍ଦେଶ ରହିଥିବାବେଳେ କନ୍ଧମାଳ ବ୍ଲକରେ କିନ୍ତୁ ଏହି ସରକାରୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉନାହିଁ ।

ଏହି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଅନେକ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବୃଦ୍ଧ ବୃଦ୍ଧା ଥିବାବେଳେ ପ୍ରତ୍ୟେକ ପଞ୍ଚାୟତରେ ମାତ୍ର ୮ ରୁ ୧୦ ଜଣଙ୍କୁ ୫୦୦ ଟଙ୍କା ଭତ୍ତା ଦିଆଯାଉଥିବା ବେଳେ ବହୁ ସଂଖ୍ୟାରେ ଯୋଗ୍ୟ ବୃଦ୍ଧ ଓ ବୃଦ୍ଧା ଏହି ଭତ୍ତା ପାଇବାରୁ ବାଦ ପଡିଛନ୍ତି । ତେବେ ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ ପାଇଁ ବରିଷ୍ଠ ନାଗରିକମାନେ ବାରମ୍ବାର ଅଭିଯୋଗ କରୁଥିଲେ ହେଁ ଦେଖିବା ଓ କରିବା ନ୍ୟାୟରେ ସମୟ ଗଡାଇ ନିଆଯାଉଥିବା ଅଭିଯୋଗ ହେଉଛି ।

# ଚାଉଳ ପାଇଲେ ମୃତ ଘୋଷିତ ୨ ହିତାଧିକାରୀ

ବୌଦ୍ଧ ଜିଲ୍ଲା ଗୁଡଭେଲିପଦର ପଞ୍ଚାୟତର ଦୁଇଜଣ ବିଧବା ବେଟିଖାଇ ବାଘ ଓ ଗୁଲାପି ବିଶି ବଞ୍ଚିଥିବା ବେଳେ ଯୋଗାଣ ବିଭାଗ ମୃତ ଘୋଷଣା କରି ତାଙ୍କୁ ପିଡିଏସ ଚାଉଳ ଦେଇ ନଥିଲେ । ଏ ସଂକ୍ରାନ୍ତରେ ଗତ ୮ ତାରିଖରେ ଯୋଗାଣ ବିଭାଗର ବିଚିତ୍ର ନୀତି ବଞ୍ଚିବା ଲୋକକୁ ମାରିଦେଲେ ଶୀର୍ଷକ ଖବର ପ୍ରକାଶିତ ହେଲା ପରେ ଯୋଗାଣ ବିଭାଗର ନିଦ୍ରା ଭାଙ୍ଗିଥିଲା ଓ ବିଭାଗୀୟ ତତ୍ପରତା ପ୍ରକାଶ ପାଇ ଆଜି ବେଟିଖାଇ ବାଘ ଓ ଗୋଲାପି ବିଶିଙ୍କୁ ପଞ୍ଚାୟତ ତରଫରୁ ଚାଉଳ ପ୍ରଦାନ କରାଯାଇଛି । କିନ୍ତୁ ଉଚ୍ଚବାହାଲି ଗ୍ରାମର ସରାବନି ଭୋଇଙ୍କୁ ଚାଉଳ ନ ଦେଇ ରକ୍ସା ପଞ୍ଚାୟତରୁ ଚାଉଳ ପାଇବ ବୋଲି କହି ଫେରାଇ ଦିଆଯାଇଛି । ତେବେ ଗୁଡଭେଲିପଦର ପଞ୍ଚାୟତର ବାସୀନ୍ଦା ହୋଇ ରକ୍ସା ପଞ୍ଚାୟତରୁ ଚାଉଳ କିପରି ପାଇବେ ତାହା ପଞ୍ଚାୟତବାସୀଙ୍କୁ ଯେତିକି ବିସ୍ମିତ କରିଛି ତାଠାରୁ ଅଧିକ ଯୋଗାଣ ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକାଶ ପାଇଛି । ଜିଲ୍ଲାପାଳ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଏଟିଏମ୍‌ରୁ ବାହାରୁଛି ଚିରା ନୋଟ୍

ଶନିବାର ଅପରାହ୍ନ ୪ଟା ସମୟରେ ବୌଦ୍ଧଜିଲା ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ଜୟଦପୁର ଗ୍ରାମର ମୁରଲି ଦେହୁରୀ ମନମୁଣ୍ଡାର ଦୈନିକ ବଜାରରୁ ପରିବା କିଣିବା ପାଇଁ ଆବଶ୍ୟକ ହେଉଥିବା ଶହେ ଟଙ୍କା ଉଠାଇବାକୁ ମନମୁଣ୍ଡାସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମକୁ ଯାଇଥିଲେ । ଏହି ଏଟିଏମ ରୁ ଶହେ ଟଙ୍କିଆ ନୋଟ୍‌ଟିଏ ଉଠାଣ କରି ଦେଖିବାପରେ ନୋଟଟି ମଝିରୁ ଦୁଇଖଣ୍ଡ ହୋଇ ଚିରି ଯାଇଥିବା ବେଳେ ସେଥିରେ ଜରି ପେଷ୍ଟ କରାଯାଇଥିଲା । ଏହି ନୋଟଟି ମନମୁଣ୍ଡା ଦୈନିକ ବଜାରରେ ଅଚଳ ହୋଇଯିବାରୁ ମୁରଲି ମୁଣ୍ଡକାନ ଆଉଁସି ଘରକୁ ଫେରିଥିଲେ । ସୂଚନାଯୋଗ୍ୟଯେ ଷ୍ଟେବ୍ୟାଙ୍କ ପକ୍ଷରୁ ଚିରା ଫଟା ନୋଟ ଗୁଡିକୁ ଚିହ୍ନଟ କରି କେବଳ ଅକ୍ଷତ ନୋଟକୁ ଏଟିଏମ ରେ ଭର୍ତ୍ତୀ କରିବାର ନିର୍ଦ୍ଦେଶ ଥିବାବେଳେ ବ୍ୟାଙ୍କ କର୍ମଚାରୀଙ୍କ ଅବହେଳା ଯୋଗୁଁ ସାଧାରଣ ଉପଭୋକ୍ତା ହଇରାଣ ହେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।




**କଟକ :** ବିଭିନ୍ନ ଦାବି ନେଇ ଅମଲା ସଂଘ ପକ୍ଷରୁ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ଆଗରେ ଧାରଣା

# ଦାଦାବଟି ପାଇଁ ପେଟ୍ରୋଲ ଟାଙ୍କିରେ ଫାଙ୍କା ଗୁଳି ଚାଳନା

**ଜଗତସିଂହପୁର, ୧୯।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ଠାରେ ଥିବା ଏସ୍‌ଆର ପେଟ୍ରୋଲ ଟାଙ୍କିରେ ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ଟାଙ୍କିର କ୍ୟାସିଅରକୁ ବନ୍ଧୁକ ଦେଖାଇ ଧମମ ଚମକ ଦେବା ସହିତ ଦାଦା ବଟି ମାଗିଥିଲେ । କର୍ମଚାରୀ ଜଣଙ୍କ ଟଙ୍କା ନଥିବା କହିବା ନେଇ ଉପରକୁ ଫାୟାରିଂ କରି କର୍ମଚାରୀଙ୍କୁ ଅଧିକ ଭୟଭୀତ କରାଇ ଥିଲେ । ଏହି ଘଟଣାରେ ଟାଙ୍କିର ସମସ୍ତ କର୍ମଚାରୀ ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରିବା ପାଇଁ ଚେଷ୍ଟା କରୁଥିବା ସମୟରେ, ଦ୍ୱୟ ବାଇକରେ ଫେରାର ହୋଇ ଯାଇଥିଲେ । ଏ ସମ୍ପର୍କରେ ଟାଙ୍କି ପରିଚାଳକ ସଦର ଥାନାରେ ଜଣାଇବା ପରେ ଥାନା ଆଇଆଇସି ପୁଲିସ ଟିମ ଧରି ତେଲ ଟାଙ୍କିରେ ପହଞ୍ଚି ଛାନ୍‌ଭିନ୍ କରୁଥିବା ସୁଚନା ମିଳିଛି ।

# ସେକ୍ସ ର୍ୟାକେଟ୍ : ରାଣୀ ମହୁମାଛି ସମେତ ୨ ଗ୍ରାହକ ଗିରଫ

**ଧର୍ମଶାଳା, ୧୯।୮ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ହାଟସ୍ଥିତ ଏକ ଘରୁ ସେକ୍ସ ର୍ୟାକେଟ ଠାବ ଘଟଣାରେ କିଙ୍ଗପିନ(ରାଣୀ ମହୁମାଛି) ସମେତ ୨ ଗ୍ରାହକଙ୍କ ଡାକ୍ତରୀ ମାଇନା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଦୁଇ ଯୁବତୀଙ୍କୁ ସ୍ୱଧରା ଆଶ୍ରୟସ୍ଥଳକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ଗତ କାଲି ବ୍ରହ୍ମବରଦାରେ ସେମାନଙ୍କୁ ଗ୍ରାମବାସୀ ଠାବ କରି ପୁଲିସକୁ ଖବର ଦେଇଥିଲେ । ପୁଲିସ ସେମାନଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା । ପୁଲିସ କିଙ୍ଗପିନ୍ (ରାଣୀ ମହୁମାଛି) ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତସ୍ଥ ଭରତ ଜେନାଙ୍କ ପତ୍ନୀ କଳ୍ପନା(୪୦), ପୁରୀ ଜିଲ୍ଲା ଚନ୍ଦନପୁର କଂଟିଆଶାସନ ଅଞ୍ଚଳର ଜଣେ ଯୁବତୀ, ବଡମ୍ବା ଗାନ୍ଧୀଛକ ଅଞ୍ଚଳର ଜଣେ ଯୁବତୀ ଏବଂ ୨ ଗ୍ରାହକ ଧର୍ମଶାଳା ଥାନା ଅନ୍ତର୍ଗତ ବେତଣ୍ଡା ଗ୍ରାମର ମାଗୁଣି ନାୟକଙ୍କ ପୁଅ ମହେନ୍ଦ୍ର(୩୦) ଓ ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମର ପଂଚାନନ ଜେନାଙ୍କ ପୁଅ ତ୍ରିଲୋଚନ(୪୦)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରିବା ସହିତ ୩୨୬/୧୮ରେ ଏକ ମାମଲା ରୁଜୁ କରିଥିଲା । କଳ୍ପନା ସମେତ ମହେନ୍ଦ୍ର ଓ ତ୍ରିଲୋଚନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ୨ ଯୁବତୀଙ୍କୁ ସ୍ୱଧରା ଆଶ୍ରୟସ୍ଥଳକୁ ପଠାଇ ଘର ଲୋକଙ୍କୁ ଖବର ଦିଆଯାଇଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ବ୍ରହ୍ମବରଦା ହାଟସ୍ଥିତ ଏକ ଭଡ଼ାଗୃହରେ ରାଣୀ ମହୁମାଛି କଳ୍ପନା ୨ ଜଣ ଯୁବତୀଙ୍କୁ ଆଣି ଏଠାରେ ଦେହବ୍ୟବସାୟ ଚଳାଇ ଆସୁଥିଲେ । ଫଳରେ ଗ୍ରାମବାସୀ ସନ୍ଦେହ କରି ଏହି ଘରେ ଦେହବ୍ୟବସାୟ ଚାଲୁଥିବା ସନ୍ଦେହ କରି ଗତକାଲି ଧର୍ମଶାଳା ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଏମାନଙ୍କୁ ଠାବ କରିବା ସହିତ ୨ଟି ବାଇକକୁ ଜବତ କରି ତଦନ୍ତ ଚଲାଇଥିଲା ।

# ଶଗଡ଼ିଆ ନାଳରେ ଭାସି ରବି ଦେହୁରୀର ମୃତ୍ୟୁ ଘଟଣା : ଥାନାରେ ଏତଲା

**ବୌଦ୍ଧ, ୧୯।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

- ହତ୍ୟା ପରେ ଫିଙ୍ଗା ଯାଇଥିଲା ମୃତଦେହ
- ବିନା ବ୍ୟବଚ୍ଛେଦ ରେ ହୋଇଥିଲା ଶବ ଦାହ
- ହରଡଘଣାରେ ହରଭଙ୍ଗା ପୋଲିସ

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ସଙ୍କୁଲେଇ ପଞ୍ଚାୟତର ଶଙ୍କରଡା ଗ୍ରାମ ର ରବି ଦେହୁରୀ (୪୫)ଙ୍କ ମୃତଦେହ ଗତ ସୋମବାର ସକାଳେ ଧର୍ମନଗର ନିକଟସ୍ଥ ଶଗଡିଆ ନାଳରେ ମିଳିବା ଘଟଣା ପଦାକୁ ଆସିଥିଲା । ଖବର ପାଇ ମୃତ ରବିଙ୍କ ପରିବାର ଲୋକେ ତାଙ୍କର ମୃତଦେହକୁ ଗାଁକୁ ନେଇଥିଲେ । ଏ ଖବର ପାଇ ହରଭଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପଚରାଉଚରା କରିବା ବେଳେ ପରିବାର ଲୋକେ ସେ ସୋମବାର ସନ୍ଧ୍ୟାରେ ବିଲରେ ପଲ୍‌ହା ରୋଇବା ପାଇଁ ପାଖ ଠାକୁରମୁଣ୍ଡା ଗାଁ କୁ ମୂଲିଆ ଖୋଜିବାକୁ ଯାଇ ଫେରୁଥିବା ବେଳେ ନାଳର ବଢି ପାଣିରେ ଭାସିଯାଇ ମୃତ୍ୟୁ ହୋଇଥିବା ପୋଲିସ କୁ କହିବା ସହିତ ଲିଖିତ ଭାବେ ଜଣାଇବା ପରେ ଶବ ଦାହ କରିଥିଲେ । ତେବେ ଘଟଣାର ୪ ଦିନ ପରେ ମୃତ ରବି ଙ୍କ ସହିତ ଗ୍ରାମରୁ ଏକା ସାଙ୍ଗରେ ମିଶି ଯାଇଥିବା ଦିଲ୍ଲିପ ଝାଙ୍କର (୩୦) ନାମକ ଯୁବକ ଗୁରୁବାର ଦିନ ଗାଁ କୁ ଫେରି ରବି ଙ୍କ ମୃତ୍ୟୁ ନାଳ ପାଣିରେ ଭାସିଯିବାରୁ ନୁହେଁ ତାକୁ ଠାକୁରମୁଣ୍ଡା ନିକଟସ୍ଥ ବାଘସାହିର ଗୁପ୍ତେଶ୍ୱର ବେହେରା ଓ ତା ପୁଅ ସନା ବେହେରା ତାଙ୍କ ଆଖି ଆଗରେ ରବିକୁ ଅତିନୃଶଂସ ଭାବେ ହତ୍ୟାକରି ଏହାକୁ ଭିନ୍ନରୂପ ଦେବାକୁ ଯୋଜନାବଦ୍ଧ ଭାବେ ନାଳରେ ଫିଙ୍ଗି ଦେଇଥିଲେ । ଏପରିକି ଯଦି ଏକଥା କାହା ଆଗରେ ପ୍ରକାଶ କରୁ ତତେ ମଧ୍ୟ ଜୀବନରେ ମାରିଦେବୁ ବୋଲି ଗୁପ୍ତେଶ୍ୱର ଓ ସନା ଧମକ ଦେବାରୁ ଜୀବନ ଭୟରେ ସେ ଫେରାର ହୋଇଯାଇଥିଲି ବୋଲି ଗ୍ରାମବାସୀଙ୍କ ଆଗରେ କହିଥିଲେ । ଦିଲ୍ଲିପ ମୁହଁରୁ ଏକଥା ଶୁଣିବା ପରେ ଗାଁ ଲୋକଙ୍କ ସହାୟତାରେ ମୃତ ରବିଙ୍କ ପୁଅ ଶ୍ୱେତ ରଜଂନ ଦେହୁରୀ ଆଜି ଶୁକ୍ରବାର ସନ୍ଧ୍ୟାରେ ହରଭଙ୍ଗା ଥାନାକୁ ଯାଇ ଲିଖିତ ଭାବେ ଏତଲା ଦେଇଥିବା ଜଣାପଡିଛି । ଫଳରେ ନାଳ ପାରି ହେବା ସମୟରେ ବଢିପାଣି ରେ ଭାସିଯାଇ ରବି ଦେହୁରୀର ମୃତ୍ୟୁ ହୋଇଥିବା ନେଇ ଲୋକଙ୍କ ମନରେ ଥିବା ସମବେଦନା ଲାଗି ରହିଥିବା ବେଳେ ହଠାତ୍ ଏହା ଏକ ସୂଚିନ୍ତିତ ହତ୍ୟାକାଣ୍ଡ ବୋଲି ଜଣାପଡିବା ପରେ ସମଗ୍ର ବ୍ଲକରେ ଆଲୋଡନ ଖେଳାଇ ଦେଇଛି । ତେବେ ମୃତ ଦେହଟିକୁ ବ୍ୟବଚ୍ଛେଦ କରାନଯାଇ ଦାହ କରି ଦିଆ ଯାଇଥିବାରୁ ଏହାର ପ୍ରମାଣ ଯୋଗାଡ କରିବା ପାଇଁ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି । ଏ ନେଇ ହରଭଙ୍ଗା ଥାନା ଅଧିକାରୀ ପ୍ରଶାନ୍ତ ମଲିକଙ୍କ ମତାମତ ଜାଣିବାପାଇଁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ନମ୍ବର ୯୪୩୮୫୫୪୩୯୮ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା ।

# ୧୧୦ ଲିଟର ମଦ ଜବତ: ୩ ଗିରଫ

**ଭଞ୍ଜନଗର, ୧୯।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଞ୍ଜନଗର ପୁଲିସ ଉପଜିଲ୍ଲାର ତାରାସିଂ ଥାନା ଅନ୍ତର୍ଗତ ବିଲେଇସାହି ଗ୍ରାମ ଉପରେ ଚଢଉ କରାଯାଇ ତାରାସିଂ ପୁଲିସ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବାସହ ସେମାନଙ୍କ ନିକଟରୁ ୧୧୦ ଲିଟର ଦେଶୀ ମଦ ଜବତ କରିଛି । ଏମାନେ ହେଲେ ବିଲେଇ ସାହି ଗ୍ରାମର ଶରତ ବେହେରା, ପ୍ରଫୁଲ ମୁଳି ଓ କୈଳାଶ ବେହେରା । ଏ ସମ୍ପର୍କରେ ତାରାସିଂ ଥାନାରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଭଞ୍ଜନଗର କୋର୍ଟକୁ ଚାଲଣ କରାଯାଇଥିବା ତାରାସିଂ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।




**କଟକ :** ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ରରେ ଫଳ ବଣ୍ଟନ

# ଚୋରାମଦ ବ୍ୟବସାୟୀ ଗିରଫ : ୪ ଲିଟର ଦେଶୀମଦ ଜବତ

**ସାଲେପୁର, ୧୯।୮**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ସାଲେପୁର ପୋଲିସ ଜଣକୁ ଗିରଫ କରି ତା'ନିକଟରୁ ୪ ଲିଟର ଦେଶୀ ମଦ ଜବତ କରି ଆଜି ଚୋରା ମଦ ବ୍ୟବସାୟୀକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସାଲେପୁର ଅଞ୍ଚଳର ଗ୍ରାମାଞ୍ଚଳର ଛକମାନଙ୍କରେ ବ୍ୟାପକ ମାତ୍ରାରେ ଚୋରା ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି ହେଉଥିବା ସାଲେପୁର ଥାନା ଆଇଆଇସି ଦେବେନ୍ଦ୍ର ମଲ୍ଲିକଙ୍କ ନିକଟରେ ଅଭିଯୋଗ ହେବାପରେ ସାଲେପୁର ପୋଲିସ ଏହି ଚୋରା ମଦ ବ୍ୟବସାୟୀଙ୍କୁ ଧରିବାପାଇଁ ଜାଲ ବିଛାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଗିରଫ କରି ଅତୀତରେ କୋର୍ଟ ଚାଲାଣ କରିଥିଲେ । ସେହିପରି ଗତକାଲି ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର କାହ୍ନୁଚରଣ ବେହେରାଙ୍କ ଘର ଉପରେ ଚଢ଼ଉ କରି ତା' ନିକଟରୁ ୪ ଲିଟର ଆସ୍କା ଫର୍ଟି ଦେଶୀମଦ ଜବତ କରିବା ସହ କାହ୍ନୁଚରଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେଠାରେ ତା'ର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସାଲେପୁର ସବ୍‌ଜେଲ୍‌କୁ ପଠାଯାଇଥିବା ସାଲେପୁର ଥାନା ଆଇଆଇସି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ପୋଲିସର ଏହିଭଳି କ୍ରମାଗତ ଚଢ଼ଉ ଫଳରେ ସାଲେପୁର ଅଞ୍ଚଳରେ ଥିବା ଅନ୍ୟ ଚୋରା ନିଶା ବ୍ୟବସାୟୀଙ୍କ ମଧରେ ଆତଙ୍କ ଖେଳିଯାଇଛି ।

# ଅସୁରକ୍ଷିତ ଅବସ୍ଥାରେ ସାକ୍ଷୀଗୋପାଳ ମନ୍ଦିର

**ପୁରୀ, ୧୯।୮**
**(ହିସ)**

- ମନ୍ଦିର ଚତୁଃପାର୍ଶ୍ୱ ବର ଓ ଅଶ୍ୱତଥ ଗଛରେ ଭର୍ତ୍ତି
- ପ୍ରତ୍ନତତ୍ତ୍ୱ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ
- ଜିଲ୍ଲାପାଳ କହିଲେ ଖୁବ୍ ଶୀଘ୍ର ନିଆଯିବ ପଦକ୍ଷେପ

ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ରର ମାନ୍ୟତା ବହନ କରୁଥିବା ସାକ୍ଷିଗୋପାଳ ମନ୍ଦିର ସମ୍ପ୍ରତି ଅସୁରକ୍ଷିତ ଅବସ୍ଥାରେ । ମନ୍ଦିର ଉପର ଭାଗର ଚର୍ତୁଃପାର୍ଶ୍ୱରେ ଛୋଟ ଛୋଟ ବରଗଛ ଓ ଅଶ୍ୱତଥ ବୃକ୍ଷରେ ଭର୍ତ୍ତୀ ହୋଇଗଲାଣି । ଯାହାକି ମନ୍ଦିରର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପଥର ସନ୍ଧି ମଧରେ ପାଣି ଜମି ରହି ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି କରୁଛି । ଏହି ଫାଟ କ୍ରମଶଃ ବଢିବାରେ ଲାଗିଛି । ଅତୀତରେ ମଧ ମନ୍ଦିରର ଅଁଳା ବେଢ଼ା ଓ ଅନ୍ୟାନ୍ୟ ସ୍ଥାନରୁ ପଥର ଖସିବାର ନଜିର ରହିଛି । ବିଶେଷ କରି ରକ୍ଷଣାବେକ୍ଷଣା ଅଭାବରୁ ଏଭଳି ସ୍ଥିତି ଉପୁଜିଛି । ଏପରି ସ୍ଥିତିରେ ପ୍ରଶାସନ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ । ବର୍ଷକେ ଥରେ ଅଁଳା ନବମୀ ଓ ରାଧା ପାଦଦର୍ଶନ ସରିଲେ ପ୍ରଶାସନ ମନ୍ଦିର କଥା ମନରୁ ପାସୋରି ଦେଉଥିବା ଅଭିଯୋଗ ହେଉଛି । ଅଞ୍ଚଳର ବରିଷ୍ଠ ନାଗରିକ ହୃଷିକେଶ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମନ୍ଦିରର ସୁରକ୍ଷା ପାଇଁ ପୁରାତନ ଶିଳ୍ପୀମାନେ ମନ୍ଦିର ଉପରେ ଦେଇଥିବା ଚୁନ ପ୍ରଲେପ ଓ ସିମେଣ୍ଟ କୋଟିଂକୁ ସୌନ୍ଦର୍ଯ୍ୟକରଣ ନାମରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଛଡାଯିବା ପରେ ୨୦୦୦ ମସିହା ଠାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି । ଏହି କାମ ଅତ୍ୟନ୍ତ ନିମ୍ନମାନର ବୋଲି ସେ ଅଭିଯୋଗ କରିଛନ୍ତି । ଏଥିସହ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସତ୍ୟବାଦୀ ପଞ୍ଚସଖା ପୀଠ ସାକ୍ଷୀଗୋପାଳର ନାମ ନଥିବାରୁ ଏହା ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଉପେକ୍ଷିତ ହୋଇଆସୁଛି । ଏପରିକି ସମ୍ପ୍ରତି ଭୁବନେଶ୍ୱର, ପୁରୀ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଥିବା ମନ୍ଦିର ଗୁଡିକର ରକ୍ଷଣାବେକ୍ଷଣା କ୍ଷେତ୍ରରେ ବିଭାଗ ଯେତିକି ଗୁରୁତ୍ୱ ଦେଉଛି, ତଦନୁଯାୟୀ ସାକ୍ଷୀଗୋପାଳ ମନ୍ଦିର ପ୍ରତି ଆନ୍ତରିକତା ନଥିବା ପରି ମନେ ହେଉଛି । ଏନେଇ ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, ଏ ସମ୍ପର୍କରେ ପୂର୍ବରୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଯାଇଛି । ଏପରିକି ୩୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇ କାମ ସରିଛି, ତେବେ କାମର ଗୁଣବତା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାପାଳ ଜ୍ୟୋତିପ୍ରକାଶ ଦାଶ କହିଛନ୍ତି ଯେ ମୁଁ ଆପଣଙ୍କ ସୂତ୍ରରୁ ଏ ବାବଦରେ ଅବଗତ ହେଲି ଏବଂ ଖୁବ୍ ଶୀଘ୍ର ଏହାର ଅନୁଧ୍ୟାନ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜମି ଚିହ୍ନଟ ନେଇ ସତ୍ୟବାଦୀ ଯାଇଥିବା ବେଳେ ସାକ୍ଷୀଗୋପାଳ ମନ୍ଦିର ଦର୍ଶନରେ ଯାଇଥିଲେ, କିନ୍ତୁ ମନ୍ଦିରର ଏତେ ବଡ଼ ସମସ୍ୟା ସମ୍ପର୍କରେ ସେ କିପିରି କିଛି ସୂଚନା ପାଇପାରିଲେ ନାହିଁ କିମ୍ବା ମନ୍ଦିର ଦାୟୀତ୍ୱରେ ଥିବା ପ୍ରଶାସନିକ ଅଧିକାରୀ କିପରି ତାଙ୍କୁ ଏ ବାବଦରେ ଅବଗତ କଲେ ନାହିଁ ତାହା ସମସ୍ତଙ୍କୁ ବିସ୍ମିତ କରିଛି । ବେଳ ଥାଉ ଥାଉ ଜିଲ୍ଲାପାଳ ମନ୍ଦିର ରକ୍ଷଣାବେକ୍ଷଣା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।